# NATIONAL NEWS BULLETIN (ODIA)

## 23 May - 2025

## Morning Bulletin : 7.15 A.M.

**************************************************

## ମୁଖ୍ୟ ସମ୍ବାଦ

- ସୁରକ୍ଷା କର୍ମୀଙ୍କ ଅଦମ୍ୟ ସାହସିକ କାର୍ଯ୍ୟ ଲାଗି ଗତକାଲି ବୀରତା ପୁରସ୍କାର ପ୍ରଦାନ କରିଛନ୍ତି ରାଷ୍ଟ୍ରପତି ।
- ରାଇଜିଙ୍ଗ ଉତ୍ତର ପୂର୍ବାଞ୍ଚଳ ନିବେଶକ ସମ୍ମିଳନୀକୁ ଆଜି ନୂଆଦିଲ୍ଲୀରେ ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ ।
- ପାକିସ୍ତାନ ସୀମାପାର ଆତଙ୍କବାଦ କାର୍ଯ୍ୟକଳାପକୁ ସମର୍ଥନ ଦେବା ବନ୍ଦ ନ କରିବା ପର୍ଯ୍ୟନ୍ତ ସିନ୍ଧୁ ଜଳ ଚୁକ୍ତିନାମା ସ୍ଥଗିତ ରହିବ ବୋଲି ଭାରତର ସୂଚନା ।
- ଯମୁନା ନଦୀର ସ୍ୱଚ୍ଛତା ଦିଗରେ ନିଆଯାଉଥିବା ପଦକ୍ଷେପର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଗତକାଲି  ଗୁଜରାଟ ଟାଇଟନ୍ସକୁ ୩୩ ରନ୍‌ରେ ପରାସ୍ତ କଲା ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ୍ ।

# ବୀରତା ପୁରସ୍କାର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗତକାଲି ନୂଆଦିଲ୍ଲୀ ସ୍ଥିତ ରାଷ୍ଟ୍ରପତି ଭବନରେ ବୀରତା ପୁରସ୍କାର ପ୍ରଦାନ କରିଛନ୍ତି । ଏହି ଅବସରରେ ଶ୍ରୀମତୀ ମୁର୍ମୁ ଚାରୋଟି ମରଣୋତ୍ତର ସମେତ ମୋଟ୍ ୬ଟି କୀର୍ତ୍ତି ଚକ୍ର ପୁରସ୍କାର ପ୍ରଦାନ କରିଛନ୍ତି । ରାଇଫଲ ମ୍ୟାନ୍ ରବି କୁମାର, କଲୋନେଲ୍ ମନପ୍ରୀତ ସିଂହ, ପୁଲିସ୍ ଉପଅଧିକ୍ଷକ ଏଚ୍.ଏମ୍. ଭଟ୍ଟ ଓ ନାୟକ ଦିଲଓ୍ୱର ଖାନ୍‌ଙ୍କୁ ମରଣୋତ୍ତର ଭାବେ ଏହି ପୁରସ୍କାର ପ୍ରଦାନ କରାଯାଇଛି । ସେହିଭଳି ୩୩ଟି ସୌର୍ଯ୍ୟ ଚକ୍ର ପୁରସ୍କାର ପ୍ରଦାନ କରାଯାଇଛି । ସେଥିମଧ୍ୟରୁ ମେଜର ଆଶିଶ ଧୋନଚକ୍, ସିପାହି ପ୍ରଦୀପ ସିଂହ, ହାବିଲଦାର ରୋହିତ କୁମାର, କନ୍‌ଷ୍ଟେବଲ୍ ପବନ କୁମାର, ଦେବନ ସି ଓ ବିଜୟନ୍ କୁଟି ଜି ଏବଂ କ୍ୟାପ୍‌ଟେନ୍ ଦୀପକ ସିଂହଙ୍କୁ ସେମାନଙ୍କର ଅଦମ୍ୟ ସାହସିକ କାର୍ଯ୍ୟ ଲାଗି ମରଣୋତ୍ତର ଭାବେ ଏହି ପୁରସ୍କାର ପ୍ରଦାନ କରାଯାଇଛି । ଏହିସବୁ ପୁରସ୍କାର ସଶସ୍ତ୍ର ବାହିନୀ, କେନ୍ଦ୍ରୀୟ ସଶସ୍ତ୍ର ପୁଲିସ୍ ବାହିନୀ ଏବଂ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ପୁଲିସ୍ କର୍ମୀଙ୍କର ବିଭିନ୍ନ ସାହସିକତା କାର୍ଯ୍ୟ ଲାଗି ପ୍ରଦାନ କରାଯାଇଥାଏ । ଏହି ସାହସିକତା ପୁରସ୍କାର ପ୍ରତିବର୍ଷ ଗଣତନ୍ତ୍ର ଦିବସ ଏବଂ ସ୍ୱାଧୀନତା ଦିବସ ଅବସରରେ ଘୋଷଣା କରାଯାଇଥାଏ । ଏ ସମ୍ପର୍କରେ ଆମ ସମ୍ବାଦଦାତାଙ୍କ ରିପୋର୍ଟ୍ – **V/O-ADARSH**

# ପିଏମ୍ ନର୍ଥଇଷ୍ଟ ସମିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀ ଠାରେ ରାଇଜିଙ୍ଗ ଉତ୍ତର ପୂର୍ବାଞ୍ଚଳ ନିବେଶକ ସମ୍ମିଳନୀକୁ ଉଦ୍‌ଘାଟନ କରିବେ । ଉତ୍ତର ପୂର୍ବାଞ୍ଚଳରେ ବିଭିନ୍ନ କ୍ଷେତ୍ରରେ ଥିବା ସୁଯୋଗକୁ ବିଶ୍ୱସ୍ତରରେ ଉପସ୍ଥାପନ କରିବା ସହିତ ସେଠାରେ ପୁଞ୍ଜି ନିବେଶକୁ ଆକୃଷ୍ଟ କରିବା ହେଉଛି ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ । ଏହି ସମ୍ମିଳନୀରେ ମୁଖ୍ୟତ – ପର୍ଯ୍ୟଟନ, ଆତିଥେୟତା, କୃଷି ଖାଦ୍ୟ ପ୍ରକ୍ରିୟାକରଣ ଏବଂ ତତ୍‌ସଂଲଗ୍ନ କ୍ଷେତ୍ର, ବୟନ ଶିଳ୍ପ, ହସ୍ତଶିଳ୍ପ, ସ୍ୱାସ୍ଥ୍ୟସେବା, ଶିକ୍ଷା, ଦକ୍ଷତାବିକାଶ, ସୂଚନା ଓ ପ୍ରଯୁକ୍ତିବିଦ୍ୟା ଏବଂ ତତ୍‌ସଂଲଗ୍ନ ବିଭିନ୍ନ ସେବା, ଭିତ୍ତିଭୂମି ଓ ଗମନାଗମନ, ଶକ୍ତି, ମନୋରଂଜନ ଓ କ୍ରୀଡ଼ା ଆଦି କ୍ଷେତ୍ରରେ ପୁଞ୍ଜିନିବେଶ ଲାଗି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି । ଏହି ଅବସରରେ ବିଭିନ୍ନ ଅଧିବେଶନରେ ଏ ସମ୍ପର୍କିତ ନୀତି ତଥା ଭାରତରେ ଉପଲବ୍ଧ ବ୍ୟାବସାୟିକ ସୁବିଧା ସୁଯୋଗ ଉପରେ ଆଲୋକପାତ କରାଯିବାର କାର୍ଯ୍ୟସୂଚୀ ରହିଛି ।

# ଭାରତ-ପାକ୍-ଜୟସ୍ୱାଲ୍

ପାକିସ୍ତାନ ସୀମାପାର ଆତଙ୍କବାଦ କାର୍ଯ୍ୟକଳାପକୁ ସମର୍ଥନ ଦେବା ବନ୍ଦ ନ କରିବା ପର୍ଯ୍ୟନ୍ତ ସିନ୍ଧୁ ଜଳ ଚୁକ୍ତିନାମା ସ୍ଥଗିତ ରହିବ ବୋଲି ଭାରତ

କହିଛି । ଗତକାଲି ନୂଆଦିଲ୍ଲୀ ଠାରେ ଗଣମାଧ୍ୟମର ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ ଏହା କହିଛନ୍ତି । ସେ କହିଛନ୍ତି, ଆଲୋଚନା ଏବଂ ସନ୍ତ୍ରାସବାଦ କାର୍ଯ୍ୟକଳାପ ଏକାଠି କରାଯାଇ ପାରିବ ନାହିଁ । କିଛି ବର୍ଷ ପୂର୍ବରୁ ପାକିସ୍ତାନକୁ ଆତଙ୍କବାଦୀମାନଙ୍କର ଏକ ତାଲିକା ହସ୍ତାନ୍ତର କରାଯାଇଥିଲା । ତଦନୁଯାୟୀ ସେମାନଙ୍କୁ ପାକିସ୍ତାନ ଭାରତକୁ ହସ୍ତାନ୍ତର କରିବା ଉପରେ ଶ୍ରୀ ଜୟସ୍ୱାଲ ଗୁରୁତ୍ୱାରୋପ କରିଛନ୍ତି । ସେ କହିଛନ୍ତି, ପାକିସ୍ତାନ ବେଆଇନ୍ ଭାବେ ଦଖଲ କରିଥିବା ପାକ୍ ଅଧିକୃତ କାଶ୍ମୀରକୁ ତୁରନ୍ତ ଖାଲି କରିବା ଉପରେ ହିଁ ଭାରତ ଏହି ପଡ଼ୋଶୀ ଦେଶ ସହିତ ଦ୍ୱିପକ୍ଷିୟ ଆଲୋଚନା କରିବ ବୋଲି ଶ୍ରୀ ଜୟସ୍ୱାଲ୍ କହିଛନ୍ତି ।

**V/O-RANDHIR-ON-PAKISTAN-TALKS**

# ଅମିତ ଶାହା-ଯମୁନା

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଗତକାଲି ନୂଆଦିଲ୍ଲୀ ଠାରେ ଏକ ଉଚ୍ଚସ୍ତରୀୟ ବୈଠକରେ ଯମୁନା ନଦୀର ସ୍ୱଚ୍ଛତା ଦିଗରେ ନିଆଯାଉଥିବା ପଦକ୍ଷେପର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି । ମୁଖ୍ୟତ ଏହି ନଦୀରୁ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ କରାଯିବା ସହିତ ଦିଲ୍ଲୀରେ ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରାଯିବା ଉପରେ ଏହି ବୈଠକରେ ଆଲୋଚନା

କରାଯାଇଛି । ଏହି ଅବସରରେ ଉଦ୍‌ବୋଧନ ଦେଇ ଶ୍ରୀ ଶାହା କହିଛନ୍ତି, ଯମୁନା କେବଳ ଗୋଟିଏ ନଦୀ ନୁହେଁ ବରଂ ଏହା ବିଶ୍ୱାସର ପ୍ରତିକ । ତେଣୁ ଏହାର ସ୍ୱଚ୍ଛତା ଉପରେ ପ୍ରାଥମିକତା ଦେଇ ସରକାର କାର୍ଯ୍ୟ କରୁଛନ୍ତି । ଏହି ନଦୀର ସ୍ୱଚ୍ଛତା ସହିତ ଦିଲ୍ଲୀର ପରିମଳ ବ୍ୟବସ୍ଥାର ସଶକ୍ତିକରଣ ଦିଗରେ ଏକ ୨୦ ବର୍ଷିୟା ବିକାଶ ମୂଳକ ଯୋଜନା କାର୍ଯ୍ୟକାରୀ କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି । ଏହା ସହିତ ଦିଲ୍ଲୀରେ ଜଳ ବଣ୍ଟନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଓ ଉପଯୁକ୍ତ ଜଳ ପରିଚାଳନା ଦ୍ୱାରା ସହରର ବିଭିନ୍ନ ସ୍ଥାନକୁ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ କରିବା ଦିଗରେ ଏହି ଯୋଜନା ସହାୟକ ହୋଇପାରିବ ବୋଲି ସେ କହିଛନ୍ତି । ଏହି ବୈଠକରେ ସହରାଞ୍ଚଳ ବ୍ୟାପାର ମନ୍ତ୍ରୀ ମନୋହର ଲାଲ, ଜଳଶକ୍ତି ମନ୍ତ୍ରୀ ସି.ଆର୍. ପାଟିଲ୍ ଓ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ ।

## ଜୟଶଙ୍କର-ବର୍ଲିନ୍

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଗତକାଲି ବର୍ଲିନ୍ ଠାରେ ୟୁରୋପରେ ଅବସ୍ଥାପିତ ଭାରତର ରାଷ୍ଟ୍ରଦୂତମାନଙ୍କର ଆଞ୍ଚଳିକ ସମ୍ମିଳନୀରେ ଅଧ୍ୟକ୍ଷତା କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଡକ୍ଟର ଜୟଶଙ୍କର ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ବୈଠକରେ ଅପରେସନ୍ ସିନ୍ଦୂର ଏବଂ ସନ୍ତ୍ରାସବାଦ କାର୍ଯ୍ୟକଳାପ ପ୍ରତି ଭାରତର ଶୂନ୍ୟ ସହନଶୀଳତା ନୀତି ଉପରେ ଆଲୋଚନା କରାଯାଇଛି । ସମୟାନୁକ୍ରମେ

ୟୁରୋପରେ ହେଉଥିବା ବିଭିନ୍ନ ଘଟଣା ସମ୍ପର୍କରେ ମଧ୍ଯ ବିସ୍ତୃତ ଭାବେ ଆଲୋଚନା କରାଯାଇଛି ବୋଲି ଡକ୍ଟର ଜୟଶଙ୍କର କହିଛନ୍ତି ।

## ମିଶ୍ରି-ଜାପାନ

ବୈଦେଶିକ ସଚିବ ବିକ୍ରମ ମିଶ୍ରି ଗତକାଲି ଟୋକିଓଠାରେ ତାଙ୍କର ଜାପାନ ପ୍ରତିପକ୍ଷ ତଥା ଉପବୈଦେଶିକ ମନ୍ତ୍ରୀ ତାକେହିରୋ ଫୁନକୋଷିଙ୍କ ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ଭାରତ-ଜାପାନ୍ ମଧ୍ୟରେ ରାଜନୈତିକ, ପ୍ରତିରକ୍ଷା ଓ ସୁରକ୍ଷା, ଅର୍ଥନୈତିକ ସହଯୋଗ ଏବଂ ଜନସମ୍ପର୍କ ସମେତ ବିବିନ୍ନ ଦ୍ୱିପକ୍ଷିୟ ପ୍ରସଙ୍ଗରେ ଉଭୟ ଆଲୋଚନା କରିଛନ୍ତି । ଏହି ଗସ୍ତ ଅବସରରେ ଶ୍ରୀ ମିଶ୍ରି ଜାପାନର ଜାତୀୟ ସୁରକ୍ଷା ପରାମର୍ଶଦାତା ମାସାଟାକା ଓକାନୋ ଏବଂ ବରିଷ୍ଠ ଉପ-ବୈଦେଶିକ ମନ୍ତ୍ରୀ ହିରୋୟୁକି ନାମାଜୁଙ୍କ ସହିତ ବିଭିନ୍ନ ଆପୋଷ ସ୍ୱାର୍ଥ ଜଡ଼ିତ ଆଞ୍ଚଳିକ ତଥା ବିଶ୍ୱସ୍ତରୀୟ ସମସ୍ୟା ଉପରେ ଆଲୋଚନା କରିଛନ୍ତି । ଏହି ଗସ୍ତ ଅବସରରେ ଶ୍ରୀ ମିଶ୍ରି ରାଇସିନା-ଟୋକିଓ କଥାବାର୍ତ୍ତାର ଦ୍ୱିତୀୟ ସଂସ୍କରଣରେ ଉଦ୍‌ବୋଧନ ଦେବାର କାର୍ଯ୍ୟସୂଚୀରହିଛି ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିବୃତ୍ତିରେ କୁହାଯାଇଛି ।

# ଜାପାନ୍- ସଂଜୟ ଝା

ଅପରେସନ୍ ସିନ୍ଦୂର ସମ୍ପର୍କରେ ବିଶ୍ୱକୁ ଅବଗତ କରାଇବା ଦିଗରେ ଭାରତର ପଦକ୍ଷେପ ସ୍ୱରୂପ ଜେଡିୟୁ ସାଂସଦ ସଞ୍ଜୟ ଝାଙ୍କ ନେତୃତ୍ୱରେ ଜାପାନ୍ ଯାଇଥିବା ସର୍ବଦଳୀୟ ସାଂସଦ ଦଳ ଗତକାଲି ଜାପାନ୍‌ର ବୈଦେଶିକ ମନ୍ତ୍ରୀ ତାକେସି ୟୁୱାୟାଙ୍କୁ ଭେଟିଛନ୍ତି । ସନ୍ତ୍ରାସବାଦ ବିପକ୍ଷ ଲଢ଼େଇରେ ଜାପାନ୍‌ର ସହଯୋଗ ଉପରେ ଶ୍ରୀ ଝା ଗୁରୁତ୍ୱାରୋପ କରିଛନ୍ତି । ପହଲଗାମ ସନ୍ତ୍ରାସବାଦୀ ଆକ୍ରମଣ ଜାମ୍ମୁ କାଶ୍ମୀରରେ ଶାନ୍ତି ପ୍ରତିଷ୍ଠା ଓ ବିକାଶ ଦିଗରେ ବାଧା ସୃଷ୍ଟି କରିବାର ଏକ ପ୍ରୟାସ ବୋଲି ଶ୍ରୀ ଝା ଜାପାନ୍ ପ୍ରତିନିଧି ମଣ୍ଡଳକୁ କହିଛନ୍ତି । ଏହି ଅବସରରେ  ଶ୍ରୀ ୟୁୱାୟା ଭାରତର ଏହି ଲଢ଼େଇରେ ଦୃଢ଼ ସମର୍ଥନ ରହିଛି ବୋଲି ପ୍ରକାଶ କରିଛନ୍ତି । ଏ ସମ୍ପର୍କରେ ଆମର ପ୍ରତିନିଧିଙ୍କ ଏକ ରିପୋର୍ଟ୍ – **V/O-SUPARNA**

# ୟୁଏସ୍-ଇରାନ୍ ଟକ୍ସ

ଯୁକ୍ତରାଷ୍ଟ୍ର ଆମେରିକା ଏବଂ ଇରାନ୍ ମଧ୍ୟରେ ଆଜି ରୋମ୍ ଠାରେ ପଞ୍ଚମ ପର୍ଯ୍ୟାୟ କଥାବାର୍ତ୍ତା ଅନୁଷ୍ଠିତ ହେବ । ଓମାନ୍‌ର ବୈଦେଶିକ ମନ୍ତ୍ରୀ ସାଇଦ ବଦର ବିନ୍ ହମାଦ୍ ବିନ୍ ହାମୁଦ୍ ଆଲ୍‌ବୁସାଇଦି ଏହି ସୂଚନା ଦେଇଛନ୍ତି । ଗତ ଏପ୍ରିଲ୍ ମାସରୁ ଏ ପର୍ଯ୍ୟନ୍ତ ଦୁଇ ଦେଶ ମଧ୍ୟରେ ମସ୍କାଟ୍ ଠାରେ ତିନୋଟି ଏବଂ ରୋମ୍‌ରେ ଗୋଟିଏ ପର୍ଯ୍ୟାୟ କଥାବାର୍ତ୍ତା ଇତିମଧ୍ୟରେ ଶେଷ ହୋଇଛି ।

ଇରାନ୍‌ର ଆଣବିକ କାର୍ଯ୍ୟକ୍ରମ ସମ୍ପର୍କରେ ଏହି କଥାବାର୍ତ୍ତା ଚାଲୁ ରହିଥିବା ଜଣାଯାଇଛି ।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ୍ ୩୩ ରନ୍‌ରେ ଗୁଜରାଟ ଟାଇଟନ୍ସକୁ ପରାସ୍ତ କରିଛି । ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଗୁଜରାଟ ଟାଇଟନ୍ସ ଟସ୍ ଜିତି ପ୍ରଥମେ ବୋଲିଂ କରିବାର ନିଷ୍ପତ୍ତି ନେଇଥିଲା । ପ୍ରଥମେ ବ୍ୟାଟିଂ କରି ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ୍ ନିର୍ଦ୍ଧାରିତ ୨୦ ଓଭରରେ ୨ ୱିକେଟ୍ ହରାଇ ୨୩୫ରନ୍ ସଂଗ୍ରହ କରିଥିଲେ । ଦଳ ପକ୍ଷରୁ ମିଚେଲ୍ ମାର୍ସ୍ ୬୪ଟି ବଲ୍‌ରୁ ୧୧୭ରନ୍ କରିଥିବା ବେଳେ ନିକୋଲାସ ପୁରନ୍ ୨୭ଟି ବଲ୍‌ରୁ ୫୬ରନ୍ କରି ଅପରାଜିତ ରହିଥିଲେ ।

୨୩୬ରନ୍ ବିଜୟ ଲକ୍ଷ୍ୟର ପିଛା କରି ଗୁଜରାଟ ଟାଇଟନ୍ସ ମାତ୍ର ୨୦୨ରନ୍‌ରରେ ଅଲ୍‌ଆଉଟ୍ ହୋଇଯାଇଥିଲା । ଲକ୍ଷ୍ନୌ ପକ୍ଷରୁ ୱିଲିୟମ୍ ୩ଟି ୱିକେଟ୍ ଅକ୍ତିଆର କରିଥିବା ବେଳେ ଆବେସ୍ ଖାନ୍ ଓ ଆୟୁଶ ବଦାନି ୨ଟି ଲେଖାଏଁ ୱିକେଟ୍ ନେଇଛନ୍ତି । ମିଚେଲ୍ ମାର୍ସ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି ।

ଆଜି ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଏବଂ ସନ୍‌ରାଇଜର୍ସ ହାଇଦ୍ରାବାଦ୍ ମଧ୍ୟରେ ମୁକାବିଲା ହେବ । ଲକ୍ଷ୍ନୌର ଅଟଳ ବିହାରୀ ବାଜପେୟୀ ଏକନା କ୍ରିକେଟ୍ ଷ୍ଟାଡିୟମ୍‌ରେ ଏହି ମ୍ୟାଚ୍ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ଆରମ୍ଭ ହେବ ।